# Akashvani, Sambalpur

## SAMBALPURI NEWS EVENING BULLETIN

**29 December 2024- 7.02 pm- 7.12 pm.**

****************************************************

ମନ୍ କି ବାତ୍        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ବିନିମୟ କର୍‌ବେ । ଇଟା ପ୍ରଧାନ୍‌ମନ୍ତ୍ରୀଙ୍କର୍ ଶହେ ୧୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ସିଧା ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ମନ୍ କି ବାତ୍‌ର ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବନେଶ୍ୱର ୟୁନିଟ୍ ୫ ଠାନେ ଥିବା ଅଭିଯୋଗ ଶୁଣାଣି ପ୍ରକୋଷ୍ଠଠାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏବା କାଏଲ୍ ଜନସାଧାରଣଙ୍କର୍ ଭିନ୍ ଭିନ୍ ଅଭିଯୋଗ୍ର ଶୁଣାଣି କର୍‌ବେ । ଇଥିର୍ ଲାଗି ଗଲା ୨୫ ତାରିଖ୍‌ନୁ ପଞ୍ଜିକରଣ୍ ମୁଲ୍ ହେଇଥିଲା । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ଫସଲହାନୀ ସମୀକ୍ଷା- I&PR

ଅଦିନିଆ ବର୍ଷାଥି ଚାଷ୍‌ର ନୁକ୍‌ସାନ୍ ବାବ୍‌ଦେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ଟା ଜିଲ୍ଲା ଗସ୍ତ୍ କର୍‌ବେ । ତାଙ୍କର୍ ସହେତେ ରାଜସ୍ୱ ଆର୍ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଭିଲ୍ ରହେବେ । ଇତାର୍‌ଛଡ଼ା ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆର୍ ପ୍ରଭାତି ପରିଡ଼ା, ନଗର ଉନ୍ନୟନ ମନ୍ତ୍ରୀ

କୃଷ୍ଣଚନ୍ଦ୍ର ପାତ୍ର ଆଉର୍ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଭିନ୍ ଭିନି୍ ଜିଲ୍ଲାର ଗସ୍ତକରି ଫସଲ୍ ନୁକ୍ସାନ୍‌ର ସମୀକ୍ଷା କର୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ ଭୁବନେଶ୍ୱର ଲୋକ ସେବା ଭବନଠାନେ ମୁଖ୍ୟମନ୍ତ୍ରୀ ଇ ବାବ୍‌ଦେ ସମୀକ୍ଷା କରିଛନ୍ । ଆଏବାକାଏଲ୍ ତକ୍ ଫସଲ୍ ହାନୀର୍ ସଠିକ୍ ଆକଳନ୍ ସହେତେ କ୍ଷତିଗ୍ରସ୍ତ ଚାଷୀମାନ୍‌ଙ୍କୁ ଚିହ୍ନଟ୍ କର୍‌ବାର ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ । ବୀମା କରିଥାଉନ୍ କି ନେ କରିଥାଉନ୍ ଅଦିନିଆ ବର୍ଷାଥି ନୁକ୍ସାନ ସହିଥିବା ସବୁ ଚାଷୀଙ୍କୁ ରାଜ୍ୟ ଆର୍ କେନ୍ଦ୍ର ସରକାରଙ୍କର ନିୟମ ଅନ୍‌ସାରେ ସହାୟତା ରାଶି ପ୍ରତ୍ୟକ୍ଷ ଲାଭ୍ ହସ୍ତାନ୍ତର-ଡିବିଟି ଜରିଏ ମିଲ୍‌ବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ଲାଗି ଆବେଦନ୍ କର୍‌ବାର୍ ସମିଆକେ ଜାନୁୟାରୀ ମାସର୍ ୧୫ ତାରିଖ୍ ତକ୍ ବଢ଼ାଯାଇଛେ । ଆଘୋନୁ ଆବେଦନ୍‌ର ଶେଷ୍ ସମିଆ ୬ ତାରିଖ୍ ଥିଲା । ଶିକ୍ଷକ୍ ଆଉ ଅଲ୍‌ଗା ଅଧିକାରୀମାନେ ଭିନ୍ ଭିନ୍ କାମ୍‌ଥି  ସାମିଲ୍ ଥିବାର୍‌ନୁ ଇତାର୍ ଉପ୍‌ରେ ବିଚାର୍ କରିକରି ଆବେଦନ୍‌ର ସମିଆକେ ବଢ଼ାଯାଇଛେ । ଆଏବା

ମାସ ୧୫ ତାରିଖ୍ ତକ୍ MSP.Odisha.gov.in ଜରିଏ ୭ଟା ବର୍ଗଥି ଭିନ୍ ଭିନ୍ ପୁରସ୍କାର୍ ଲାଗି ଆବେଦନ୍ କରାଯାଇ ପାର୍‌ବା ।

ପୁସ୍ତକ ଉନ୍ମୋଚନ ଆର୍‌ଏନ୍‌ୟୁ/ ସମ୍ବଲପୁର୍

ସମ୍ବଲପୁର ତପସ୍ୱିନୀ ହଲ୍‌ଠାନେ ଆଏଜ୍ ମଏଧାନ୍ ସାଢ଼େ ୩ ବଜେ ନେସ୍‌ନାଲ୍ ବୁକ୍ ଟ୍ରଷ୍ଟ ତର୍‌ଫୁ ପ୍ରକାଶିତ ‘ଦି ସାଗା ଅଫ୍ କୁଦୋପାଲି- ଦି ଅନ୍‌ସଙ୍ଗ୍ ଷ୍ଟୋରୀ ଅଫ୍ ୧୮୫୭’ ବହି ଉନ୍ମୋଚନ୍ ହେବା । ଗୁଟେ ଖାସ୍ ସମାରୋହଥି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖିଆ କୁନୁଆ ଭାବେ ଯୋଗ୍ ଦେଇକରି ବହିର୍ ଉନ୍ମୋଚନ୍ କର୍‌ବେ ।

ନୂଆ ବଛର୍ ଲାଗି ପୁରୀରେ ପ୍ରସ୍ତୁତି ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନୂଆ ବଛର୍ ଲାଗି ସିସିଟିଭି ସୁରକ୍ଷା ବଳୟ ଭିତ୍‌ରେ ରହେବା ବଲି ଏସ୍.ପି. ବିନିତ୍ ଅଗ୍ରୱାଲ କହିଛନ୍ । ସେ କହିଛନ୍, ମାହାପୁରୁଙ୍କର୍ ଶୃଙ୍ଖଲିତ୍ ଦର୍ଶନ, ସମୁଦ୍ର ଖଣି ପର୍ଯ୍ୟଟକ୍‌ମାନ୍‌କର ସୁରକ୍ଷା ଆର୍ ଟ୍ରାଫିକ୍ ପରିଚାଳନା ଲାଗି ପୁଲିସ୍ ତର୍‌ଫୁ ଖାସ୍ ବ୍ୟବସ୍ଥା କରାଯାଇଛେ ।

ଭିଡ଼୍‌କେ ନଜର୍‌ଥି ରଖିକରି ଡିସେମ୍ବର ୩୧ନୁ ଜାନୁୟାରୀ ୧ ତାରିଖ୍ ତକ୍ ଟ୍ରାଫିକ୍ କଟକନା ଲାଗୁ କରାଯାଇଛେ । ଇଥିର୍ ଲାଗି ଭିନ୍ ଭିନ୍ ଇଲାକାନୁ ଆସୁଥିବା ଗାଡ଼ିମଟର୍ ଲାଗି ଖାସ୍ ପାର୍କି ବ୍ୟବସ୍ଥା କରାଯାଇଛେ । ନୂଆବଛର୍‌କେ ନଜର୍‌ଥି ରଖିକରି ପୁରୀନ ୬୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯିବା ବଲି ଏସ୍‌ପି କହିଛନ୍ ।

ଧନୁଯାତ୍ରା-            ଆର୍‌ଏନ୍‌ୟୁ/ସମ୍ବଲପୁର

ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାକେ ସିଧା ସଲଖ୍ ଉପଭୋଗ୍ କରିପାର୍‌ବେ ରାଜ୍ୟବାସୀ । ଏଲ୍‌ଇଡି ସ୍କ୍ରିନ୍ ଜରିଏ ଯାତ୍ରାର୍ ସବୁ ଝଲକ୍ ସିଧା ପ୍ରସାରଣ କରାହେବା । ଇଥିର୍ ଲାଗି ଜିଲ୍ଲା ମୁଖ୍ୟାଳୟ ସହେତେ ମୁଖିଆ ଜାଗାମାନ୍‌କେ ଏଲ୍‌ଇଡି ଲଗାହେବା । ମହୋତ୍ସବ୍ ଲାଗି ଗୁଟେ ଖାସ୍ ୱେବ୍‌ସାଇଟ୍‌ର ବ୍ୟବସ୍ଥା କରାହେବା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନୁଯାତ୍ରାକେ ବିଶ୍ୱ ଐତିହ୍ୟଥି ସାମିଲ୍ କରାଯିବାର୍‌କେ ଚେରେଷ୍ଟା ଚାଲିଛେ ବଲି ଭିଲ୍ କହିଛନ୍ ।

ସ୍ୱରାଜ ଦର୍ଶନ-            ଆର୍‌ଏନ୍‌ୟୁ /ସମ୍ବଲପୁର

ବୀର୍ ମାଏଟ୍ ସମ୍ବଲପୁର, ସ୍ୱରାଜ୍ ଦର୍ଶନ୍ କାର୍ଯ୍ୟକ୍ରମଥି ସାମିଲ୍ ହେଇଛେ । ଇତିହାସନୁ ବାଦ୍ ପଡ଼ିଥିବା ରେଙ୍ଗାଲି ବ୍ଲକ୍ କୁଦୋପାଲି ଗାଁକେ ସ୍ୱରାଜ୍ ଦର୍ଶନ୍ କାର୍ଯ୍ୟକ୍ରମ୍‌ର ଦୁଇ ନମ୍ବର ଖେପେ ସାମିଲ କରି କରି ଇତାର୍ ବିକାଶ କରାଯିବା ବଲି ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ସୂଚନା ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସହିଦ୍ ସୁରେନ୍ଦ୍ର ସାଏଙ୍କର୍ ଭାଇ ଛବିଲ ସାଏଙ୍କର୍ ସହେତେ ବହୁତ୍ ସଂଗ୍ରାମୀଙ୍କୁ କୁଦୋପାଲି ଗାଁନ ଫାଶୀ ଦିଆଯାଇଥିଲା ।

ବରପାଲି ମହାବିଦ୍ୟାଳୟ ଆର୍‌ଏନ୍‌ୟୁ / ସମ୍ବଲପୁର

ବରପାଲି ମହାବିଦ୍ୟାଲର୍ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ତିନ୍‌ଦିନ୍ ଧରିକରି ହେବାର୍‌କେ ଥିବା ଉତ୍ସବ୍‌କେ ଆଇଆଇଏମ୍ ସମ୍ବଲପୁର୍‌ର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ୍ କୁନୁଆ ହିସାବେ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍‌ଙ୍କୁ ଶିକ୍ଷାର୍ ଉପଯୋଗିତା ବାବ୍‌ଦେ କହିଥିଲେ । ଇ ଉଧେ ଗୁଟେ ଶୋଭାଯାତ୍ରା ହେଇଥିଲା । କାର୍ଯ୍ୟକ୍ରମ୍‌ଥି ବରପାଲି ମାଟିର୍ ସୁଯୋଗ୍ୟ ସନ୍ତାନ୍ ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କୁ ମରଣୋତର୍ ଆଉ ବିଶିଷ୍ଟ ଶବ୍ଦନୃତ୍ୟ ଗୁରୁ ପଦ୍ମଶ୍ରୀ ଭାଗବତ ପଧାନଙ୍କୁ ସମ୍ମାନୀତ କରାଯାଇଥିଲା ।

ପାଣିପାଗ      ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ପଶ୍ଚିମାଝଡ଼୍ ପ୍ରଭାବ୍‌ଥି ଗଲାକାଏଲ୍‌ଠାନୁ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ହାଲ୍‌କାନୁ ମଧ୍ୟମ୍ ଧରଣର୍ ବର୍ଷା ସହେତେ ପାଗ୍ ବାଦ୍‌ଲିଆ ରହିଛେ । ଗଲାକାଏଲ୍ ରାଏଜର୍ ୧୫ଟା ସହରର୍ ତାପମାତ୍ରା ୩୦ ଡିଗ୍ରୀ ଉପ୍‌ରେ ଥିଲା । ଦେଶର୍ ପୂର୍ବ ଭାଗ୍‌ନ ହେଇଥିବା ଗୁରୁଚାପ୍ ବଳୟ ପଂଚିମ ମୁହାଁ ହେଇଥିବାର୍‌ନୁ ଥଣ୍ଡା ପବନ୍ ବୁହିବା ଆର୍ ଆଏବା କାଏଲ୍‌ଠାନୁ ଫେର୍‌ଘାଏ ଶୀତ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ପୂର୍ବାନୁମାନ୍ କରାଯାଇଛେ ।